# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଦାଉଦ ରାଜା (ପ୍ରଥମ ଭାଗ)


ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଅନୁବାଦକ: Prasanta Bhuyan

ଉପଯୋଜକ: Ruth Klassen


କାହାଣୀ ୬୦ ରୁ ୨୦


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya

ଯିବା ଦାଉଦ ନିଜ ଜୀବନ ନିମନ୍ତେ ଦୌଡ଼ିଲେ । ରାଜା ଶାଉଲ ତାଙ୍କୁ ବଧ କରିବାକୁ ଚାହୁଁଥିଲେ । ଦାଉଦ ମରୁଅଞ୍ଚଳରେ ବାସ କଲେ, ଭୟଙ୍କର ଗୁମ୍ଫାରେ ନିଜର ଚାରିଶହ ସହୋଚର ମାନଙ୍କ ସହିତ ରହିଲେ ।



1

ବେଳେ ବେଳେ, ରାଜା ଶାଉଲଙ୍କ ସୌନ୍ୟମାନେ ତାଙ୍କର ଅତି ନିକଟରେ ପେହଞ୍ଚିଲେ । କିନ୍ତୁ ଦାଉଦ ଆଗକୁ ବଢ଼ି ଚାଲିଲେ ।



2


ଶାଉଲଙ୍କ ସେବକ, ଦୀଅଗ, ଶାଉଲଙ୍କୁ କହିଲେ ଯାଜକମାନେ ଦାଉଦଙ୍କୁ ଖସି ପଳାଇଯିବାକୁ ସାହାଯ୍ୟ କରିଛନ୍ତି । ଶାଉଲ ସେମାନଙ୍କୁ ବଧ କରିବାକୁ ଆଦେଶ କଲେ । କେବଳ ଦୀଅଗ ଏହା କରିବାକୁ ଇଚ୍ଛା କରୁଥିଲେ । ସେ ପଞ୍ଚାଅଶି ଯାଜକ ଓ ସମସ୍ତ ପରିବାରକୁ ନିର୍ମମ ଭାବରେ ତାଙ୍କର ଖଣ୍ଡାଦ୍ୱାରା ହତ୍ୟା କଲେ । ଏହା ଅତ୍ୟଧିକ ଦୁଷ୍ଟତା ଥିଲା ।
3
ଦିନକର ଘଟଣା, ଶାଉଲ ଦାଉଦଙ୍କୁ ଖୋଜିବା ସମୟରେ ରାତ୍ରୀଯାପନ କରିବା ନିମନ୍ତେ ଏକ ଗୁମ୍ଫା ଭିତରକୁ ଗଲେ ଯେଉଁଠାରେ ଦାଉଦ ନିଜ ସାଥିମାନଙ୍କ ସହିତ ଲୁଚିଥିଲେ । ସେହିସମୟରେ ଶାଉଲ ଏକଲା ଥିଲେ ।
4
ସେହି ଗୁମ୍ଫାରେ, ଦାଉଦ ସହଜରେ ଶାଉଲଙ୍କୁ ବଧ କରି ପାରିଥାନ୍ତେ । ମାତ୍ର ତାହା ବଦଳରେ,
ସେ ଧିରସ୍ଥିର ଭାବରେ ଶାଉଲଙ୍କ ନିକଟରୁ ତାହାର ଗୋଟିଏ ତୀଖ୍ଣ ବର୍ଚ୍ଛା ଓ ତାଙ୍କର ଖଣ୍ଡିଏ ବସ୍ତ୍ର କାଟିନେଲେ ।
5
ଯେତେବେଳେ ଶାଉଲ ଗଲେ, ଦାଉଦ ପଛରୁ ଡାକି କହିଲେ । ହେ ରାଜନ୍ ମୁଁ ତୁମ୍ଭର ବସ୍ତ୍ର କାଟିନେଲି, କିନ୍ତୁ ତୁମ୍ଭକୁ ବଧ କଲିନାହି ।
ଆପଣ ନିଜେ ଜ୍ଞାତ ହୁଅନ୍ତୁ ଯେ ତୁମ୍ଭ ଉପରେ ମୋହର କୌଣସି ମନ୍ଦଚିନ୍ତା କିମ୍ବା ମୋହର ହସ୍ତରେ କୌଣସି ବିଦ୍ରୋହ ନାହିଁ ।
6
ଶାଉଲ ଦାଉଦଙ୍କୁ କହିଲେ, ସେ ଦାଉଦଙ୍କ ବିରୁଦ୍ଧରେ ପାପ କରିବାରୁ ଦୁଃଖିତ ଅଟନ୍ତି । କିନ୍ତୁ, ପୁନର୍ବାର ସେ ଦାଉଦଙ୍କୁ ବଧ କରିବା ନିମନ୍ତେ ପ୍ରାୟ ତିନି ହଜାର ସୌନ୍ୟଦଳକୁ ପ୍ରେରଣକଲେ । ଏକ ରାତ୍ରୀରେ, ଯେତେବେଳେ ସୌନ୍ୟମାନେ ଶୋଇଯାଇଥିଲେ, ଦାଉଦ ଓ ଅବିଶାୟୀ, ତାଙ୍କ ସୌନ୍ୟମାନଙ୍କ ମଧ୍ୟରୁ ଜଣେ, ଲୁଚି ଶାଉଲଙ୍କ ଶିବିରକୁ ରାଜା ଶୋଇଥିବା ସ୍ଥାନକୁ ଗଲେ ।
7
ଏହିଦିନ ସଦପ୍ରଭୁ ତୁମ୍ଭର ଶତ୍ରୁ ଶାଉଲଙ୍କୁ ତୁମ୍ଭ ହସ୍ତରେ ସମର୍ପଣ କରିଅଛନ୍ତି, ଅବିଶାୟୀ ଧିର ଗଳାରେ କହିଲେ । ଦୟାକରି ମୋତେ ଅନୁମତି ପ୍ରଦାନ କରନ୍ତୁ ଯେପରି ମୁଁ ଏହି ବର୍ଚ୍ଛାଦ୍ୱାରା ତାହାକୁ ଥରେମାତ୍ର ଆଘାତ କରିବି, ଯେପରି ତାହା ଦ୍ୱତୀୟଥର କରିବାକୁ ନ ପଡ଼େ ।
8


ଦାଉଦ ଅସ୍ୱୀକାର କଲେ । ସେମାନେ ଶାଉଲଙ୍କ ବର୍ଚ୍ଛା ଓ ଜଳପାତ୍ର ସେଠାରୁ ନେଇଗଲେ । ସେ ଶିବିର ପରିତ୍ୟାଗ କଲେ । ଦାଉଦ ରାସ୍ତା ନିକଟରେ ଥିବା ପର୍ବତରୁ ଶାଉଲଙ୍କୁ ଶୁଣିବା ପର୍ଯ୍ୟନ୍ତ ଡାକିଲେ । ପୁଣିଥରେ ଶାଉଲ ଦେଖିଲେ ଯେ ଦାଉଦ ତାଙ୍କୁ ବଧ କରି ପାରିଥାନ୍ତେ, ମାତ୍ର ସେ ତାହା କରିନାହିଁ । ପୁଣିଥରେ ଶାଉଲ ଦାଉଦଙ୍କ ବିରୁଦ୍ଧରେ ପାପ କରିବା ହେତୁ ଦୁଃଖିତ ଅଟନ୍ତି । କିନ୍ତୁ ଦାଉଦ ଜାଣିଥିଲେ ଓ ଶାଉଲଙ୍କ ବାକ୍ୟ ଉପରେ ବିଶ୍ୱାସ କଲେନାହିଁ ।
9


ସେହି ସମୟ ମଧ୍ୟରେ ଶାମୁୟେଲ୍‌ଙ୍କର ମୃତୁ ହୋଇ ଯାଇଥିଲା । ଏ ସେହି ଭବିଷ୍ୟତବକ୍ତା ଯାହାଙ୍କୁ ସଦାପ୍ରଭୁ ପ୍ରଥମେ ଶାଉଲଙ୍କୁ ଅଭିଷେକ କରିବାତୁ କହିଥିଲେ, ତାହାପରେ ଦାଉଦ ଇସ୍ରାଏଲ୍ ଉପରେ ରାଜା ଭାବରେ ଅଭିଶିକ୍ତ କଲେ । ଯେତେବେଳେ ପଲେଷ୍ଟିୟମାନେ ଇସ୍ରାଏଲକୁ ଆକ୍ରମଣ କଲେ, ଶାଉଲ ଏକ ଭୟାନକ କାର୍ଯ୍ୟକଲେ, ଯାହା କରିବାକୁ ସଦାପ୍ରଭୁ ମନା କରିନ୍ତି ।
10


ସେ ଏକ ସ୍ତ୍ରୀକୁ ଆଜ୍ଞାକରି ଶାମୁୟେଲଙ୍କୁ ମୃତସ୍ଥାନରୁ ଡାକିଲେ, ସେହି ରାତ୍ରିରେ, ଶାଉଲ ସମ୍ବାଦ ପଇଲେ ।
11


... ସଦାପ୍ରଭୁ ତୁମ୍ଭକୁ ତ୍ୟଗ କରିଅଛନ୍ତି ଓ ତୁମ୍ଭର ବିପକ୍ଷ ହୋଇଅଛନ୍ତି ... ସଦାପ୍ରଭୁ ତୁମ୍ଭହସ୍ତରୁ ରାଜତ୍ୱ ଟାଣି ଚିରିଅଛନ୍ତି ଓ ତୁମ୍ଭ ପ୍ରତିବାସି ଦାଉଦଙ୍କୁ ତାହା ଦେଇଅଛନ୍ତି । କାଲି ତୁମ୍ଭେ ଓ ତୁମ୍ଭ ପୁତ୍ରମାନେ ଆମ୍ଭ ସଂଙ୍ଗି ହେବ ।  ମଧ୍ୟ ସଦାପ୍ରଭୁ ଇସ୍ରାଏଲର ସୌନ୍ୟମାନଙ୍କୁ ପଲେଷ୍ଟୟମାନଙ୍କ ହସ୍ତରେ ସମର୍ପଣ କରିବେ । ଯେତେବେଳେ ଶାଉଲ ତାହା ଶୁଣିଲେ ସେ ଭୟରେ ଲମ୍ବହୋଇ ତଳେ ପଡ଼ିଗଲେ ।
12


ପଲେଷ୍ଟୟମାନେ ଇସ୍ରାଏଲ୍ ବିରୁଦ୍ଧରେ ଯୁଦ୍ଧକଲେ, ଇସ୍ରାଏଲୀୟ ସୌନ୍ୟମାନେ ପଳାୟନ କଲେ । ପଲେଷ୍ଟୟମାନେ ଯୋନାଥନ ଯେ ଦାଉଦଙ୍କର ଉତ୍ତମ ବନ୍ଧୁ ଥିଲେ ତାଙ୍କ ସମେତ ଶାଉଲଙ୍କର ସମସ୍ତ ପୁତ୍ରମାନଙ୍କୁ ବଧକଲେ ।
13


ଶାଉଲ ତୀରଧାରି ମାନଙ୍କଠାରୁ ଅତ୍ୟଧିକ କ୍ଷତବକ୍ଷତ ହୋଇଥିଲେ । ସେ ତାଙ୍କର ଅସ୍ତ୍ରବାହକକୁ କହିଲେ, ତୁମ୍ଭର ଖଡ୍ଗ ବାହର କରି ତହିଁରେ ମୋତେ ଭୁଷି ପକାଅ, କେଜାଣି ଏହି ଅସୁନ୍ନତମାନେ ଆସି ମୋତେ ଭୁସି ପକାଇ କୌତୁକ କରିବେ । ମାତ୍ର ତାଙ୍କ ଅସ୍ତ୍ରବାହକ ତାହା କଲେ ନାହିଁ କାରଣ ସେ ଅତିଶୟ ଭୀତ ହେଲେ । ଏହେତୁ ଶାଉଲ ନିଜେ ଖଡ୍ଗନେଇ ତହିଁ ଉପରେ ପଡ଼ିଲେ ।
14



ଯେତେବେଳେ ପଲେଷ୍ଟିୟମାନେ
ଶାଉଲ ଓ ତାଙ୍କର ପୁତ୍ରମାନଙ୍କର
ମୃତଦେହ ପଡ଼ିଥିବାର ଦେଖିଲେ ।
ସେମାନେ ସେମାନଙ୍କ ଶରିର
ଗୁଡ଼ିକ ବୈଥଶାନ ପ୍ରାଚିରରେ
ଟାଙ୍ଗିଦେଲେ ।

15



କେତେକ ବାହାଦୁର୍ ଇସ୍ରାଏଲୀୟ
ଲୋକମାନେ ସେମାନଙ୍କ ଶରିର
ଗୁଡିକ ଉହ୍ଲାଇ ନେଇଗଲେ ଓ
ସେମାନଙ୍କ ଶରିରକୁ ଦଗ୍ଧକଲେ
ଓ ସେମାନଙ୍କର ଅସ୍ଥି ନେଇ
ଇସ୍ରାଏଲରେ ପୋତିଦେଲେ ।

16



ଯେତେବେଳେ ଦାଉଦ ସେହି ଦୁଃଖଦ
ସମ୍ବାଦ ପାଇଲେ, ସେ ଶାଉଲଙ୍କ
ନିମନ୍ତେ, ତାଙ୍କ ପୁତ୍ର ଯୋନାଥନ୍, ଓ
ସମସ୍ତ ଲୋକମାନଙ୍କ ନିମନ୍ତେ ସେ
ସନ୍ଧ୍ୟା ପର୍ଯ୍ୟନ୍ତ ଉପବାସ କରି
ରୋଦନ କଲେ, କାରଣ ଖଡ୍ଗଦ୍ୱାରା
ସେମାନଙ୍କର ହତ ହୋଇଥିଲେ ।

17



ଶାଉଲ ଦାଉଦଙ୍କୁ ବଧ କରିବାକୁ ପ୍ରୟାସ
କରିଥିଲେ ମଧ୍ୟ, ଦାଉଦ ଶେଷ ପର୍ଯ୍ୟନ୍ତ ଶାଉଲଙ୍କୁ
ସଦାପ୍ରଭୁଙ୍କ ଅଭିଶିକ୍ତ ଦାସରୁପେ ଆଦର କଲେ ।
ବର୍ତ୍ତମାନ୍ ସଦାପ୍ରଭୁ ଦାଉଦଙ୍କୁ ଆଦରରେ ଶାଉଲଙ୍କ
ସ୍ଥାନରେ ରାଜାକରି ଉଥାପନ କରୁଛନ୍ତି ।

18

ଦାଉଦ ରାଜା (ପ୍ରଥମ ଭାଗ)

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରଥମ ଶାମୁୟେଲ ୨୪-୩୧, ଦ୍ୱତୀୟ ଶାମୁୟେଲ ୧-୨

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।